# Phone call between Prime Minister Shri Narendra Modi and H.E. Ursula von der Leyen, President of the European Commission

May 03, 2021

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ମହାମହିମ ଉର୍ସୁଲା ଭନ ଡର ଲେୟେନଙ୍କ ମଧ୍ୟରେ ଟେଲିଫୋନ୍ ଯୋଗେ ଆଲୋଚନା

ମଇ 03, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ମହାମହିମ ଉର୍ସୁଲା ଭନ ଡର ଲେୟେନଙ୍କ ମଧ୍ୟରେ ଆଜି ଟେଲିଫୋନ୍ ଯୋଗେ ଆଲୋଚନା ହୋଇଛି।

ଦୁଇ ନେତା ଭାରତ ଏବଂ ୟୁରୋପୀୟ ସଂଘରେ ବର୍ତ୍ତମାନର କୋଭିଡ-19 ସ୍ଥିତି ତଥା ଭାରତ ପକ୍ଷରୁ କୋଭିଡ-19ର ଦ୍ୱିତୀୟ ଲହରୀର ମୁକାବିଲା ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମତ ବିନିମୟ କରିଥିଲେ । କୋଭିଡ-19ର ଦ୍ୱିତୀୟ ଲହରୀ ବିରୋଧରେ ଭାରତର ଲଢ଼େଇରେ ସହାୟତା କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀ ୟୁରୋପୀୟ ସଂଘ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଯୋଗାଇ ଦିଆଯାଇଥିବା ତୁରନ୍ତ ସହାୟତାକୁ ପ୍ରଶଂସା କରିଥିଲେ ।

ଶେଷଥର ପାଇଁ ଗତବର୍ଷ ଜୁଲାଇରେ ଅନୁଷ୍ଠିତ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ପରେ ଆପୋସ ରଣନୈତିକ ସହଭାଗିତା ନୂତନ ଭାବେ ଅଧିକ ଗତିଶୀଳ ହୋଇଛି ବୋଲି ଦୁଇ ନେତା ଆଲୋକପାତ କରିଥିଲେ । ଦୁଇ ନେତା ଏଥିପ୍ରତି ମଧ୍ୟ ସହମତି ବ୍ୟକ୍ତ କରିଥିଲେ ଯେ ଭାରତ-ୟୁରୋପୀୟ ସଂଘର ନେତାମାନଙ୍କର 8 ମେ 2021ରେ ଭର୍ଚୁଆଲ ମାଧ୍ୟମରେ ହେବାକୁ ଥିବା ଆଗାମୀ ବୈଠକ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ପୂର୍ବରୁ ଚାଲିଆସିଥିବା ବହୁମୁଖୀ ସମ୍ପର୍କକୁ ନୂତନ ଭାବେ ଗତି ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଆଣିବ ।

ଭାରତ-ୟୁରୋପୀୟ ସଂଘର ନେତାମାନଙ୍କର ଆଗାମୀ ବୈଠକ ଇୟୁ +27 ରୂପରେ ହେବାକୁ ଥିବା ପ୍ରଥମ ବୈଠକ ହେବ ଏବଂ ଏହା ଭାରତ-ୟୁରୋପୀୟ ସଂଘ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଦୃଢ଼ କରିବାରେ ଉଭୟ ପକ୍ଷର ସହଭାଗୀ ଆକାଂକ୍ଷାକୁ ଦର୍ଶାଉଛି ।

ନୂଆଦିଲ୍ଲୀ

ମଇ 03, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.